# Akashvani, Sambalpur

## SAMBALPURI NEWS EVENING BULLETIN

## 21 July 2024- 7.02 pm- 7.12 pm.

*********************************************

୧- ସପ୍ତଦଶ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ନୁ ହେବା ମୁଲ୍ ।

- ସୁରୁଖୁରୁ ନ ଗୃହ କାମ୍ ଚଲାବାର୍‌କେ ଆଏଜ୍ ହେଲା ସର୍ବଦଳୀୟ ବୈଠକ୍ ।

୨- ଆଘର୍ ବାଗିର୍ ଜାରି ରହେବା ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍- କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ଦେଶେ ଆଏଜ୍ ପାଲିତ୍ ହେଉଛେ ଗୁରୁପୂର୍ଣ୍ଣିମା ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ କେତେ ଜାଗା ନ ଆଏବା କାଏଲ୍ ସଖାଲ୍‌ତକ୍ ହେଇପାରେ ଜବର୍ ବର୍ଷା ।

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ      ଆର୍‌ଏନ୍‌ୟୁ/ କଟକ୍

ସପ୍ତଦଶ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେବା । ରାଏଜେ ବିଜେପି ସର୍‌କାର୍ କ୍ଷମତାକେ ଆଏବାର୍ ଉତ୍‌ରୁ ଇଟା ହେବା ବିଧାନ୍‌ସଭାର୍ ପହେଲା ଅଧିବେଶନ୍ । ଆଏବା କାଏଲ୍ ଅଧିବେଶନ୍‌ର ପହେଲା ଦିନେ ରାଜ୍ୟପାଲ୍ ରଘୁବର୍ ଦାସ ତାଙ୍କର୍ ଅଭିଭାଷଣ୍ ଦେବେ ।  ୨୩ ତାରିଖ୍ ଦିନ ଉପବାଚସ୍ପତି ପଦ ଲାଗି ନାମାଙ୍କନ୍ ଆର୍ ୨୪ ତାରିଖ୍ ଦିନ ନିର୍ବାଚନ ହେବା ।। ଆଏବା ୨୫ ତାରିଖ୍ ଦିନ ଅର୍ଥ ବିଭାଗ୍‌ର ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୪-୨୫ ଆର୍ଥିକ୍ ବଛର୍‌ର୍ ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନ୍‌ସଭା ନ ଉପସ୍ଥାପନ୍ କର୍‌ବେ । ବଜେଟ୍ ଅଧିବେଶନ୍‌ଥି ସୁରୁଖୁରୁଥି ଚଲାବାର୍‌କେ ଆଏଜ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସର୍ବଦଲୀୟ ବୈଠକ୍ ହେଇଥିଲା । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା, ବିରୋଧୀ ଦଲର୍ ମୁଖ୍ୟ ସଚେତକ ପ୍ରମିଲା ମଲ୍ଲିକ୍‌ଙ୍କର୍ ସହେତେ ମନ୍ତ୍ରୀ ଆର୍ ଶାସକ୍ ଦଲର୍ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ । ହେଲେ ବୈଠକ୍‌ଥି କଂଗ୍ରେସ୍ ଦଲର୍ କେନ୍‌ସି ସଦସ୍ୟ ଯୋଗ୍ ନାଇଁ ଦେଇ । ବୈଠକ୍ ଉତ୍‌ରୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍, ସର୍ବଦଲୀୟ ବୈଠକ୍ ନ ବଜେଟ୍

ଅଧିବେଶନ୍‌ଥି ଗୃହ କାମ୍ କେନ୍ତା ଶାନ୍ତିପୂର୍ଣ୍ଣ ଢଙ୍ଗେ ଚାଲିପାର୍‌ବା ଆର୍ ରାଜ୍ୟର୍ ସମସ୍ୟା ମାନ୍‌କର୍ ଉପ୍‌ରେ ଆଲୋଚନା ହେଇପାର୍‌ବା ସେ ବାବ୍‌ଦେ ବାଚସ୍ପତି ବିରୋଧୀ ଦଲ୍ ମାନ୍‌କର୍ ସହଯୋଗ୍ ମାଗିଥିଲେ । ରାଜ୍ୟର୍ ବୃହତର ସ୍ୱାର୍ଥ ଦୃଷ୍ଟିନୁ ସର୍‌କାର୍ ମୁଖ୍ୟ ବିରୋଧୀ ଦଲ୍ ଠାନୁ ଗଠନ୍ ମୂଲକ୍ ସହଯୋଗ୍ କାମନା କରିଛନ୍ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ସର୍ବଦଲୀୟ ବୈଠକ୍ ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ ନବୀନ୍ ନିବାସ୍ ନ ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍‌ଙ୍କୁ ଭେଟିଥିଲେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ପ୍ରଦେଶ୍ କଂଗ୍ରେସ୍ ସଭାପତି ଶରତ୍ ପଟ୍ଟନାୟକ ଆର୍ ସିପିଏମ୍ ସଦସ୍ୟ ଲକ୍ଷ୍ମଣ୍ ମୁଣ୍ଡାଙ୍କର୍ ସାଙ୍ଗେ ଟେଲିଫୋନ୍‌ଥି କଥା ହେଇଥିବାର୍ ଜନାପଡ଼ିଛେ ।

## ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍      ଆର୍‌ଏନ୍‌ୟୁ/ କଟକ୍

ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍ ଆଘର୍ ବାଗିର୍ ଜାରି ରହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ପଷ୍ଟ କରିଛନ୍ । ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍‌ର ନାଁ ବଦ୍‌ଲିବାର୍ ବାବ୍‌ଦେ ଗଲାକାଏଲ୍ ଭିନ୍ ଭିନ୍ ଗଣମାଧ୍ୟମ୍‌ଥି ପ୍ରସାରିତ୍ ହେବାର୍ ଉତ୍‌ରୁ ଆଏଜ୍ ମୁଖ୍ୟମନ୍ତ୍ରୀ କହିଛନ୍ ଯେ,

ପୁରସ୍କାର୍‌ର ନାଁ ବଦ୍‌ଲାବାର୍‌କେ କେହେନି ବିଧିବଦ୍ଧ ନିଷ୍ପତି ନାଇଁ ନିଆଯାଇ । ରାଜ୍ୟ ସର୍‌କାର୍ ଓଡ଼ିଶାର୍ ବରପୁତ୍ରମାନ୍‌କୁ ଖୋବ୍ ସମ୍ମାନ୍ ଦେସନ୍ । ବିଜୁ ବାବୁ ତାକର୍ ଜୀବନ୍ କାଲ୍‌ଥି ରାଜନୈତିକ୍ ଆର୍ ସାମାଜିକ୍ ଜୀବନ୍ ଲାଗି ଦେଇଥିବାର୍ ଅବଦାନ୍ ସ୍ମରଣୀୟ ହେଇକରି ରହେବା । ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍ ଆଘର୍ ବାଗିର୍ ଚାଲୁ ରହେବା ବଲି ସେ କହିଛନ୍ ।

ସଂସଦ୍‌ର ବଜେଟ୍ ଅଧିବେଶନ        ଆର୍‌ଏନ୍‌ୟୁ / ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେବାର୍‌କେ ଯାଉଥିବାର୍ ବେଲେ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ଇ ବଜେଟ୍ ଅଧିବେଶନ୍‌ଥି ଆଏବା ଗୁରୁବାର୍ ୨୫ ତାରିଖ୍ ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଲୋକ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛ୍‌ରର୍ ବଜେଟ୍ ଉପସ୍ଥାପନ୍ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୩ ନମ୍ବର୍ ପାଲି ସର୍‌କାର୍‌ର ପହେଲା ବଜେଟ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲା ମାସ ସଂସଦ୍‌ର ଯୁଗ୍ମ ଅଧିବେଶନ୍‌କେ ସମ୍ବୋଧିତ୍ କରିକରି ଇଥରର୍ ବଜେଟ୍ ଦୀର୍ଘମିଆଦୀ ନୀତି ଆର୍

ଭବିଷ୍ୟତ୍‌ର ଦୃଷ୍ଟିକୋଣକେ ନେଇକରି ସର୍‌କାର୍‌ଙ୍କର୍ ଗୁଟେ ପ୍ରଭାବୀ ଦସ୍ତାବେଜ୍ ହେବା ବଲି କହିଥିଲେ । ଇଥରର୍ ବଜେଟ୍ ଅଧିବେଶନ୍‌ଥି ସର୍‌କାର୍‌ଙ୍କର୍ ତର୍‌ଫୁ ୬ ଟା ନୂଆଁ ବିଲ୍ ଭିଲ୍ ସଂସଦ୍ ନ ଉପସ୍ଥାପନ୍ କରାଯାଇପାରେ ।

କଂଗ୍ରେସ୍ ବିଧାୟକ୍ ଦଲ ଆର୍‌ଏନ୍‌ୟୁ/ କଟକ୍

କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ଭାବେ ପଟାଙ୍ଗୀ ବିଧାୟକ୍ ରାମଚନ୍ଦ୍ର କାଡାମ୍ ମନୋନୀତ୍ ହେଇଛନ୍ । ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟି ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ବାସୁଦେବ୍‌ପୁର୍‌ର ବିଧାୟକ୍ ଅଶୋକ ଦାସ କଂଗ୍ରେସ୍ ବିଧାୟକ୍ ଦଲର୍ ଉପନେତା ଆର୍ ରାଜ୍‌ଗାଙ୍ଗ୍‌ପୁର୍ ବିଧାୟକ୍ ସି.ଏସ୍. ରାଜନ୍ ଏକ୍କା ବିଧାନ୍‌ସଭା ନ କଂଗ୍ରେସ୍ ଦଲର୍ ମୁଖ୍ୟ ସଚେତକ୍ ମନୋନୀତ ହେଇଛନ୍ ।

ଗୁରୁପୂର୍ଣ୍ଣିମା ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ହେଉଛେ ପବିତ୍ର ଗୁରୁପୂର୍ଣ୍ଣିମା । ଇଟାକେ ବ୍ୟାସପୂର୍ଣ୍ଣିମା ଭିଲ୍ କୁହାଯାଏସି । ଜୀବନ୍‌ର ସବୁଦିଗେ ବାଟ୍ କଢ଼ଉଥିବା ଗୁରୁମାନ୍‌କୁ ସମ୍ମାନ୍ ଜନେଇକରି ଗୁରୁପୂର୍ଣ୍ଣିମା ମନାଯାଏସି । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁପୂର୍ଣ୍ଣିମା ଅବ୍‌ସରେ

ସାମାଜିକ୍ ଗଣମାଧ୍ୟମ୍ ଜରିଏ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଆମର୍ ଜୀବନ୍‌ର ସବୁ କ୍ଷେତ୍ର ନ ଗୁରୁମାନ୍‌କର୍ ଖୋବ୍ ମହତ୍ୱ ରହିଛେ ବଲି କହିଛନ୍ । ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁରୁପୂର୍ଣ୍ଣିମା ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସଙ୍ଗେ ସମ୍‌କିରିର୍ ମଙ୍ଗଲ୍ କାମନା କରିଛନ୍ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଗୁରୁପୂର୍ଣ୍ଣିମା ଅବ୍‌ସରେ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭକାମନା ଜନେଇକରି କହିଛନ୍ ଯେ, ଗୁରୁମାନେ ଆମ୍‌କୁ ସତ୍ ବାଟେ ଯିବାର୍‌କେ ବାଟ୍ କଢ଼ାସନ୍ । ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଭ୍ୟତା ଆର୍ ସଂସ୍କୃତିର ଅଭିନ୍ନ ଅଙ୍ଗ ଆଏ ବଲି ସେ କହିଛନ୍ ।

ଗୁରୁପୂର୍ଣ୍ଣିମା-୧ ସୁବର୍ଣ୍ଣପୁର୍/ ବର୍‌ଗଡ଼୍/ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍, କଲା ଆର୍ ସଂଗୀତ୍ ଅନୁଷ୍ଠାନ୍ ନ ଆଏଜ୍ ପବିତ୍ର ଗୁରୁପୂର୍ଣ୍ଣିମା ପାଲିତ୍ ହେଇଯାଇଛେ । ସଂସ୍କାର୍ ଭାରତୀ ଜିଲ୍ଲା ଶାଖା ତର୍‌ଫୁ ଗୁରୁପୂର୍ଣ୍ଣିମା ଅବ୍‌ସରେ ହେଇଥିବା ଉତ୍ସବ୍‌ଥି ସଂଗଠନ୍‌ର ପଶ୍ଚିମ ପ୍ରାନ୍ତ ମହାମନ୍ତ୍ରୀ ଗଦାଧର୍ ବାରିକ୍ ଅତିଥି ଥିଲେ । ଉତ୍ସବ୍‌ଥି

ନାଁକରା ନାଟ୍ୟ ଅଭିନେତା ଆର୍ ଶବ୍ଦନୃତ୍ୟ ଶିଳ୍ପୀ ଗଦାଧର୍ ବରିହାଙ୍କୁ ଗୁରୁଶ୍ରୀ ଉପାଧିଥି ସମ୍ମାନିତ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ସଂକୀର୍ତନ୍ ପରିଷଦ୍ ତର୍‌ଫୁ ଖଜୁର୍‌ଟିକ୍ରା ଠାନେ ଗୁରୁପୂର୍ଣ୍ଣିମା ଉତ୍ସବ୍ ହେଇଥିଲା । ହେଥି ଜିଲ୍ଲାର୍ ୧୨ ଟା ବ୍ଲକ୍‌ନୁ ଆସିଥିବା ସଂକୀର୍ତନ୍ ଗୁରୁମାନ୍‌କର୍ ପାଦ୍ ଧୁଇକରି ଅର୍ଚ୍ଚନା କରାଯାଇଥିଲା । ଇ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିବା ଜିଲ୍ଲାର୍ ୨୧ ଟା ଭାଗ୍‌ବତ୍ ଟୁଙ୍ଗୀକେ ଭାଗ୍‌ବତ୍ ଗ୍ରନ୍ଥ ଦିଆଯାଇଥିଲା ।

ବୌଦ୍ଧ ସରସ୍ୱତୀ ବିଦ୍ୟାମନ୍ଦିର୍ ନ ଭିଲ୍ ଗୁରୁପୂର୍ଣ୍ଣିମା ମନାଯାଇଥିଲା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୬ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି

ଇଂରାଜୀରେ ରେକର୍ଡ୍ କରିପାରିବେ । ଇ କାର୍ଯ୍ୟକ୍ରମ୍ ଆକାଶବାଣୀ ଆଉ ଦୂରଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ରେ ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ରେ ଭିଲ୍ ଶୁନାଯାଇପାରିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷରେ ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସପ୍ତଦଶ ବିଧାନ୍‌ସଭାର୍ ପହେଲା ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେଉଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ନାଇଁ ହୁଏ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ପଦ୍ମଶ୍ରୀ କମଲା ପୂଜାରୀଙ୍କର୍ ଶେଷକୃତ୍ୟ

ଆର୍‌ଏନ୍‌ୟୁ/ କଟକ୍

ପଦ୍ମଶ୍ରୀ କମଲା ପୂଜାରୀଙ୍କର୍ ଶେଷକୃତ୍ୟ ଆଏଜ୍ ତାକର୍ ଗାଁ କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ବ୍ଲକ୍‌ର ପାତ୍ରପୁଟ୍ ନ ପୁରା ରାଷ୍ଟ୍ରୀୟ ମର୍ଯ୍ୟାଦାଥି ହେଇଯାଇଛେ । ଗାଁ ଶ୍ମଶାନ୍ ନ ଗାର୍ଡ଼ ଅଫ ଅନର୍ ଦିଆଯିବାର୍ ଉତ୍‌ରୁ ତାଙ୍କର୍ ଅନ୍ତିମ୍ ସଂସ୍କାର୍ କରାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଦେଶୀ ବିହନ୍ ସଂରକ୍ଷଣ୍ ଆର୍ ପରିବେଶ୍ ସୁରକ୍ଷା ଦିଗେ ଅବଦାନ୍ ଲାଗି ପଦ୍ମଶ୍ରୀ ସମ୍ମାନ୍ ପାଇଥିବା କମଲା ପୂଜାରୀଙ୍କର୍ ଗଲାକାଏଲ୍ ୭୬ ବଛର୍ ବୟେସେ କଟକ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ଡାକ୍ତର୍‌ଖାନା ନ ପରଲୋକ ହେଇଥିଲା ।

ଓଡ଼ିଶା ଫୁଟ୍‌ବଲ୍ ସଂଘ ଆର୍‌ଏନ୍‌ୟୁ/ କଟକ୍

ଆଘର୍ ମନ୍ତ୍ରୀ ଆର୍ ବରିଷ୍ଠ ବିଜେପି ନେତା ସମୀର୍ ଦେ ଆଏବା ୪ ବଛର୍ ଲାଗି ଓଡ଼ିଶା ଫୁଟ୍‌ବଲ୍ ସଂଘର୍ ସଭାପତି ଭାବେ ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେଇଛନ୍ । ଆଏଜ୍ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଓସିଏ ସମ୍ମିଲନୀ କକ୍ଷ ନ ହେଇଥିବା ଓଡ଼ିଶା ଫୁଟ୍‌ବଲ୍ ସଂଘର୍ ସାଧାରଣ୍ ପରିଷଦ୍ ବୈଠକ୍‌ଥି ଶ୍ରୀ ଦେଙ୍କୁ ସଭାପତି ନିର୍ବାଚିତ୍ କରାଯାଇଛେ ।

ଦୃଷ୍ଟିବାଧିତ କ୍ରିକେଟ୍ ଖେଲାଲୀ- ପଢ଼ିଆ        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଦୃଷ୍ଟିବାଧିତ କ୍ରିକେଟ୍ ଖେଲାଲୀମାନ୍‌କର୍ ଲାଗି ପଢ଼ିଆ ବ୍ୟବସ୍ଥା କରାଯିବା ବଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଆଏବା ଦିନେ କର୍ତ୍ତୃପକ୍ଷଙ୍କର୍ ସାଙ୍ଗେ ଆଲୋଚନା ଉତ୍‌ରୁ ହେଦିଗେ ପଦକ୍ଷେପ୍ ନିଆଯିବା ବଲି କ୍ରୀଡ଼ାମନ୍ତ୍ରୀ କହିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଆକଲନ୍ ଅନ୍‌ସାରେ ଆଏବା କାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ସହେତେ ଦକ୍ଷିଣ୍ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ।